# କୁହ ଭଲ ପାଅ ବୋଲି

ମୋ ମନର ବାଟିକାରେ
ତୁମେ ସତେ କଅଁଳିଆ ଗୋଲାପ
ଆଖି ଭିଜା ଆଇନାରେ
ଆଙ୍କିଯାଅ ଛବି ତୁମ ଅମାପ

ଅଧରର ନାଲିରଙ୍ଗ
ମୋ ଦେହରେ ସୃଜେ ମଧୁ ଗୁଞ୍ଜନ
ଚୂର୍ଣ୍ଣ ଚିକୁର ଦଳ
ଜନମାଏ ମନେ ମିଠା ସପନ

କଅଁଳିଆ ଅନାମିକା
ମୋ ଲପନେ ଥରେ ଯାଅ ପରଶି
ନୀଳ ପଣତ ଉହାଡେ
ମୋ ତନୁ ଲୁଚାଇ ନିଅ ପ୍ରେୟସୀ

ବୟସର କୃଷ୍ଣଚୂଡ଼ା
ପ୍ରୀତିକୁଞ୍ଜେ ସୃଜେ ମଧୁ ମୂର୍ଚ୍ଛନା
ଜୀବନ ଅତସୀ କୁଞ୍ଜେ
ପୂଜାରିଣୀ ରଚ ପ୍ରୀତି ଅର୍ଚ୍ଚନା

ଜହ୍ନ ଜୋଛନା ହସେ
ଭଲ ପାଇବାର ମଧୁ କାନନେ
ପ୍ରୀତିରେ ଛନକା ପଶେ
ତୁମ ପ୍ରୀତି ବାଟିକାରେ ବିଜନେ

ନୀରବେ ଏକାନ୍ତେ କୁହ
ଭଲ ପାଇବା ଗୋପନ ଭାଷା
ପ୍ରେମରେ ଆସିଲେ ବ୍ୟଥା
ବଙ୍କିଯାଏ ଜୀବନର ନକ୍ସା

ମନ ଗହନର ନିବିଡ ବିଜନେ
ରଚ ପ୍ରେମ ଅଭିସାର
ପ୍ରିୟରେ ଗାଇଗୋ କୁହବାରେ ସଖୀ
ଭଲ ପାଅ ଏକବାର

ଭଲପାଅ ରାଣୀ ଭଲ ପାଅ ବୋଲି
ଥରେ ହେଲେ ଦିଅ କହି
ପ୍ରଣୟର ବ୍ୟଥା ଦାବାନଳ ସମ
ଅନ୍ତର ଦିଏ ଦହି

କଳ୍ପନା ସଉଧ ତୋଳିବିନି ଆଉ
ପୀରତି ପଥରେ ଜମା
ପୀରତିର ପଥ ବଡ ଦୁରୁଗମ
ମାନେନା ପ୍ରଣୟ ସୀମା

ତେଣୁ ଗୋ ପ୍ରେୟସୀ ଅଳପ ବୟସୀ
ଅନ୍ତର ଦିଅ ଖୋଲି
ପ୍ରିୟରେ ପ୍ରିୟରେ ପ୍ରଣୟ ମୋହରେ
କୁହ ଭଲ ପାଅ ବୋଲି □ □ □

